ଧରିତ୍ରୀ
DHARITRI

10th March, 2021

ଉତ୍ସାହିତ କରିଥିଲେ।

# ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ

**ବାଲୁଗାଁ/କଟଣା,୯।୩(ଡି.ଏନ୍.ଏ.):** ବାଲୁଗାଁ ଏନ୍ଏସି ଅନ୍ତର୍ଗତ କୃଷ୍ଣା ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଶ୍ୱଭାରତୀ ବୁକ ମିଶନ ଶକ୍ତି ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଦିବ୍ୟା ଶାଶ୍ୱତି, ମାନସ ରଞ୍ଜନ ପ୍ରଧାନ, ଉତ୍ପଳ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ସଙ୍ଗଠନର ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷୀ ବିଶ୍ୱାଳ ସଭାପତିତ୍ୱ, ସୁଜାତା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଆଇଆଇଟି ମହିଳା କଲ୍ୟାଣ ସଙ୍ଗଠନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ରଜିତା କୁଲକର୍ଣ୍ଣି ଭିଡିଓ କନଫରେନ୍ସରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଭାବେ ଓଡିଶା ମହିଳା କମିଶନର ବରିଷ୍ଠ ସଦସ୍ୟା ଆଇନଜୀବୀ ସ୍ନେହାଞ୍ଜଳି ମହାନ୍ତି ଯୋଗଦେଇଥିବା ବେଳେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ପରିଚାଳନା କରିଥିଲେ। ମହିଳାଙ୍କୁ ଉଦ୍ୟୋଗୀ ଏବଂ ବିଭିନ୍ନ ସଙ୍ଗଠନର ମୁଖ୍ୟଭାବେ ଆଜିର ସମାଜରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ଉପରେ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଡ.ରେମିଆ ନାଲାନରେରି ଧନ୍ୟବାଦ ଦେଇଥିଲେ।